# NATIONAL NEWS BULLETIN (ODIA)

**15 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଜଳବାୟୁ ପ୍ରତିରୋଧି ତଥା ଉତ୍ପାଦନକ୍ଷମ ସହରାଞ୍ଚଳ ନିର୍ମାଣ ଦିଗରେ ସହରାଞ୍ଚଳ ଚ୍ୟାଲେଞ୍ଜ ଫଣ୍ଡ ସହାୟକ ହେବ - କହିଲେ ପ୍ରଧାନମନ୍ତ୍ରୀ ।

- ଗୁଜୁରାଟ ଗାନ୍ଧୀନଗରଠାରେ ଆଜି ଦେଶର ପ୍ରଥମ କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରା ଆଧାରିତ ସାଧାରଣ ବଣ୍ଟନ ବ୍ୟବସ୍ଥାର ଶୁଭାରମ୍ଭ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ମହାଶିବରାତ୍ରୀ ପର୍ବ ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ।

ଏବଂ

- ଆଇସିସି ପୁରୁଷ ଟି-୨୦ କ୍ରିକେଟ ବିଶ୍ୱକପରେ ଆଜି ଅନୁଷ୍ଠିତ ହେବ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ।

## ପିଏମ୍-ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ

ସହରାଞ୍ଚଳ ଚ୍ୟାଲେଞ୍ଜ ଫଣ୍ଡ ଗଠନ କରିବା ଲାଗି କ୍ୟାବିନେଟ୍‌ର ସ୍ୱୀକୃତିକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଏହି ପାଣ୍ଠି ଗଠନ ଦ୍ୱାରା ବେସରକାରୀ ଯୋଗଦାନ ଏବଂ ନାଗରିକ ସମର୍ଥିତ ସଂସ୍କାର କାର୍ଯ୍ୟ ବୃଦ୍ଧିପାଇବ ।

ସୂଚନାଯୋଗ୍ୟ ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ହେଉଛି କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଏକ କେନ୍ଦ୍ରୀୟ ପାଣ୍ଠି । ଦେଶର ଅର୍ଥନୀତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ପ୍ରାରମ୍ଭିକ ଭାବେ ଏହି ପାଣ୍ଠିକୁ ୧ଲକ୍ଷ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ବିଶେଷକରି ଜଳବାୟୁ ପ୍ରତିରୋଧି, ଉତ୍ପାଦନକ୍ଷମ ସହରାଞ୍ଚଳ ନିର୍ମାଣ ଦିଗରେ ଏହି ଅର୍ଥ ବ୍ୟୟ କରାଯିବ । ୨୦୨୫-୨୬ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହି ଫଣ୍ଡ କାର୍ଯ୍ୟକ୍ଷମ ରହିବ । ଆସନ୍ତା ୫ ବର୍ଷରେ ଏହି ଫଣ୍ଡରେ ମୋଟ ବିନିଯୋଗ ପରିମାଣ ୪ଲକ୍ଷ କୋଟି ଟଙ୍କା ହେବ ବୋଲି କୁହାଯାଇଛି ।

## ସେଣ୍ଟର ଆସାମ ଟନେଲ

ଆସାମର ବ୍ରହ୍ମପୁତ୍ର ନଦୀ ତଳେ ଦେଶର ପ୍ରଥମ ଯୁଗ୍ମ ଟ୍ୟୁବ୍ ରାସ୍ତା ତଥା ରେଳ ସୁଡଙ୍ଗ ପ୍ରକଳ୍ପକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି । ୩୩ ଦଶମିକ ୭ କିଲୋମିଟର ଲମ୍ବ ୪ ଲେନ୍ ପ୍ରବେଶ ନିୟନ୍ତ୍ରଣ ସହ

ନଦୀ ତଳେ ୧୫ ଦଶମିକ ୭/୯ କିଲୋମିଟର ଟ୍ୟୁବ୍ ଟନେଲ ନିର୍ମାଣ କରାଯିବ । ଆର୍ଥିକ ବ୍ୟାପାର କ୍ୟାବିନେଟ୍ କମିଟି ଏହି ପ୍ରକଳ୍ପକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଥିଲାଗି ୧୮ହଜାର ୬୬୨ କୋଟି ଟଙ୍କା ପ୍ରାଥମିକ ଭାବେ ବ୍ୟୟ କରାଯିବ । ସୂଚନା ଅନୁଯାୟୀ ଏହି ରାସ୍ତା ଜାତୀୟ ରାଜପଥ ୧୫ର ଗୋହପୁର ସହ ଜାତୀୟ ରାଜପଥ ୭୧୫ ଆସାମର ନୁମାଲିଗଡକୁ ସଂଯୋଗ କରିବ । ଏହାଫଳରେ ଆସାମର ଦୁଇଟି ସହର ମଧ୍ୟରେ ଦୂରତା ୨୪୦ କିଲୋମିଟରରୁ ୩୪ କିଲୋମିଟରକୁ ହ୍ରାସ ପାଇବ ଏବଂ ଏହାର ଯାତ୍ରା ସମୟ ୬ ଘଣ୍ଟା ପରିବର୍ତ୍ତେ ୨୦ ମିନିଟ୍ ହେବ । ସୂଚନା ଅନୁଯାୟୀ ଏହି ନଦୀତଳେ ନିର୍ମାଣ ହେବାକୁ ଥିବା ରାସ୍ତା ଆସାମ, ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ ଓ ଅନ୍ୟାନ୍ୟ ଉତ୍ତରପୂର୍ବ ରାଜ୍ୟ ପାଇଁ ଲାଭଦାୟକ ସାବ୍ୟସ୍ତ ହେବ । ବିଶ୍ୱର ଏହା ଦ୍ୱିତୀୟ ଜଳରାସ୍ତା ସହ ରେଳ ସୁଡଙ୍ଗ ହେବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଉତ୍ତର ପୂର୍ବାଞ୍ଚଳରେ ବିକଶକାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଦିଗରେ ଏହି ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ଏହି ପ୍ରକଳ୍ପ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୮୦ ଲକ୍ଷ କାର୍ଯ୍ୟଦିବସ ସୃଷ୍ଟି କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି କେନ୍ଦ୍ର ସରକାର ରେଳ, ରାସ୍ତା, ଭିତ୍ତିଭୂମି ଏବଂ ସଂଯୋଗୀକରଣ କ୍ଷେତ୍ରରେ ଅନେକଗୁଡ଼ିଏ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ସେହି ପ୍ରକଳ୍ପଗୁଡ଼ିକ ମଧ୍ୟରେ କସରା-ମନମାଦ ତୃତୀୟ ଏବଂ ଚତୁର୍ଥ ଲାଇନ୍, ଦିଲ୍ଲୀ-ଅମ୍ବାଲା

ତୃତୀୟ ଏବଂ ଚତୁର୍ଥ ଲାଇନ୍ ଏବଂ ବଲାରୀ-କୋଷାପେଟର ତୃତୀୟ ଏବଂ ଚତୁର୍ଥ ଲାଇନ୍ ରହିଛି । ଏହି ମଲ୍‌ଟି ଟ୍ରାକିଂ ପ୍ରକଳ୍ପ ୯୭ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପ୍ରାୟ ୩ହଜାର ୯୦୨ଟି ଗ୍ରାମକୁ ସଂଯୋଗୀକରଣ ବୃଦ୍ଧି କରିବ ।

## ଗୁଜୁରାଟ-ଅମିତ ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଗୁଜୁରାଟ ଗାନ୍ଧୀନଗରର ମହାତ୍ମା ମନ୍ଦିରରେ ଭାରତର ପ୍ରଥମ କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ୍ ମୁଦ୍ରା-ଆଧାରିତ ସାଧାରଣ ବଣ୍ଟନ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ନିଜ ଅଭିଭାଷଣରେ ଶ୍ରୀ ଶାହା କହିଛନ୍ତି ଯେଉଁଭଳି ଭାବେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ ଯୋଜନା ଯୋଗୁଁ ଦେଶରେ ୧୫ଲକ୍ଷ କୋଟି ଟଙ୍କା ସଞ୍ଚୟ କରାଯାଇପାରିଲା, ଏହି ବ୍ୟବସ୍ଥାରେ କୌଣସି ପ୍ରକାରର ଅନିୟମିତତା ସୃଷ୍ଟି ହେବ ନାହିଁ । କଂଗ୍ରେସ ଦଳକୁ ସମାଲୋଚନା କରି ଶ୍ରୀ ଶାହା କହିଛନ୍ତି କଂଗ୍ରେସ ସରକାର ବର୍ଷକୁ ଗୋଟିଏ ଥର କୃଷକମାନଙ୍କୁ ରିହାତି ପ୍ରଦାନ କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୦ବର୍ଷ ହେବ କୃଷକମାନଙ୍କୁ ପ୍ରତ୍ୟେକବର୍ଷ ୬ ହଜାର ଟଙ୍କା ଲେଖାଏଁ ପ୍ରଦାନ କରି ଆସୁଅଛନ୍ତି ।

ଗୁଜରାଟ ସରକାରଙ୍କ ଏହି ଡିଜିଟାଲ୍ ମୁଦ୍ରା ପଦକ୍ଷେପର ଲକ୍ଷ୍ୟ ହେଉଛି ଖାଦ୍ୟ ଶସ୍ୟ ବଣ୍ଟନକୁ ଅଧିକ ସ୍ୱଚ୍ଛ କରିବା । ଏହି କାର୍ଯ୍ୟକ୍ରମରେ ରାଜ୍ୟର ଖାଦ୍ୟ ସୁରକ୍ଷା ନେଟୱାର୍କକୁ ସୁଦୃଢ଼ କରିବା ପାଇଁ ଶସ୍ୟ ଏଟିଏମ୍ ଏବଂ ସ୍ୱତନ୍ତ୍ର ପୁଷ୍ଟିସାଧନ ଅଭିଯାନର ମଧ୍ୟ ପ୍ରଚଳନ କରାଯାଇଛି ।

**V/O (Amit Saha)**

# ପ୍ରେଜ୍-ଭିପି-ପିଏମ୍ ମହାଶିବରାତ୍ରି

ପବିତ୍ର ମହାଶିବରାତ୍ରୀ ପର୍ବ ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ସମସ୍ତ ଦେଶବାସୀଙ୍କ ମଙ୍ଗଳ କାମନା ଲାଗି ସେ ପ୍ରଭୁ ଶିବଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଦେଶ ବିକାଶର ପଥରେ ଏଭଳି ଅଗ୍ରସର ହେଉଥାଉ ବୋଲି ସେ ଆଶାପ୍ରକାଶ କରିଛନ୍ତି ।

ଉପରାଷ୍ଟ୍ରପତି ସି.ପି.ରାଧାକୃଷ୍ଣନ କହିଛନ୍ତି କାଶୀରୁ ରାମେଶ୍ୱରମ ପର୍ଯ୍ୟନ୍ତ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତି ସହକାରେ ମହା ଶିବରାତ୍ରି ପର୍ବ ପାଳନ କରାଯାଉଛି । ଏହି ଅବସରରେ ସେ ସମସ୍ତ ନାଗରିକଙ୍କ ସୁଖ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତାରେ ଶିବରାତ୍ରିରେ ଦେଶର ବିକାଶ କାମନା କରିଛନ୍ତି । ଲୋକସଭା ବାଚସ୍ପତି ଓମ୍ ବିର୍ଲା, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମଧ୍ୟ ମହାଶିବରାତ୍ରି ଉପଲକ୍ଷେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଏଆଇ ସମିଟ-ଗ୍ଲୋବାଲ ଚ୍ୟାଲେଞ୍ଜ

ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ ସ୍ୱାସ୍ଥ୍ୟ, ସେବା, କୃଷି ଏବଂ ପ୍ରଶାସନ କ୍ଷେତ୍ରରେ ସମାଧାନର ସୂତ୍ର ବାହାର କରିବ । ଆସନ୍ତାକାଲି ନୂଆଦିଲ୍ଲୀରେ ଏହି ସମ୍ମିଳନୀ ଆରମ୍ଭ ହେବ । ସମ୍ମିଳନୀ ପୂର୍ବରୁ ୩ଟି କାର୍ଯ୍ୟକ୍ରମ ପାଇଁ ପ୍ରତିଯୋଗୀ ଚୟନ କରାଯାଉଛି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୬୦ଟି ଦେଶର ୪ହଜାର ୬୫୦ଟି ଆବେଦନ ମିଳିଛି । ଯେଉଁଥିରେ ବିଦେଶୀ ପ୍ରତିଯୋଗୀମାନେ ମଧ୍ୟ ଭାଗ ନେଇଛନ୍ତି । ଏହି ସମ୍ମିଳନୀରେ ଏଆଇ ବିଶେଷଜ୍ଞଙ୍କ ସମେତ ଶିଳ୍ପନେତୃତ୍ୱମାନେ ଯୋଗଦେଇ ୭୦ଟି ଟିମ୍ ଗଠନ କରିବେ । ସମ୍ପୃକ୍ତ ଟିମ୍‌ଗୁଡ଼ିକ ସମ୍ମିଳନୀରେ ସେମାନଙ୍କ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିବେ । ମଙ୍ଗଳବାର ଦିନ ଭାରତ ମଣ୍ଡପମ୍ ଏବଂ ସୁଷମା ସ୍ୱରାଜ ଭବନରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

# କର୍ପସ ଅଫ୍ ସିଗନାଲ ରେଜିଂ ଡେ

ଭାରତୀୟ ସେନାର ସିଗ୍‌ନାଲ କର୍ପସ ଆଜି ତା'ର ୧୧୬ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ୧୯୧୧ ମସିହାରେ ଆଜିର ଦିନରେ ପ୍ରତିଷ୍ଠା ହୋଇଥିବା ସିଗନାଲ କର୍ପସ ଭାରତୀୟ ସେନାର ଯୋଗାଯୋଗ କ୍ଷେତ୍ରରେ

ବ୍ୟାପକ ପରିବର୍ତ୍ତନ ଆଣିବା ସହ ଆଧୁନିକ ଯୋଗାଯୋଗ କୌଶଳ ଉପଯୋଗ କରିବା କ୍ଷେତ୍ରରେ ସମର୍ଥ ବୋଲି କୁହାଯାଇଛି । ମୁଖ୍ୟ ସିଗନାଲ ଅଧିକାରୀ ଲେଫ୍ଟନାଣ୍ଟ ଜେନେରାଲ ବିବେକ ଡୋଗ୍ରା କହିଛନ୍ତି ଆଜିର ସମାଜ ଜାତୀୟ ସୁରକ୍ଷା ଉଦ୍ଦେଶ୍ୟକୁ ଆଗକୁ ନେବାଲାଗି ସେନା କର୍ପସ ପ୍ରସ୍ତୁତ ରହିଛି । ସେ କହିଛନ୍ତି ଅପରେସନ ସିନ୍ଦୂର ସମୟରେ ସିଗ୍ନାଲ ୟୁନିଟ୍‌ଗୁଡ଼ିକ ଜଟିଳ ପରିସ୍ଥିତିରେ ଉତ୍ତମ କାର୍ଯ୍ୟ କରିଥିଲା ।

## ପିଏମ୍‌-ହେରଥ ପୋସ୍ତେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହେରଥ ପୋସ୍ତେ ପର୍ବ ଅବସରରେ କାଶ୍ମୀର ପଣ୍ଡିତ ସମ୍ପ୍ରଦାୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଓ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଏହି ପର୍ବ କାଶ୍ମୀର ପଣ୍ଡିତ ସମ୍ପ୍ରଦାୟର ସମୃଦ୍ଧ ସଂସ୍କୃତିକୁ ପ୍ରତିଫଳନ କରିଥାଏ । ଏହି ଅବସରରେ ହେରଥ ପୋସ୍ତେ ପର୍ବ ସମସ୍ତଙ୍କ ଜୀବନରେ ସୁଖଶାନ୍ତି ଭରିଦେବା ସହ ସଫଳତାର ନୂଆ ରାସ୍ତା ଦେଖାଉ ବୋଲି ଶ୍ରୀ ମୋଦୀ କାମନା କରିଛନ୍ତି ।

## ଇଣ୍ଟରନ୍ୟାସନାଲ ଚାଇଲ୍ଡହୁଡ୍‌ କ୍ୟାନସର ଡେ

ଶିଶୁମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା କର୍କଟ ରୋଗର ଭୟାବହତା ପ୍ରତି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଅନ୍ତର୍ଜାତୀୟ

ଶିଶୁକର୍କଟ ଦିବସ ପାଳନ କରାଯାଉଛି । ସଚେତନତା ସୃଷ୍ଟି ସହ କର୍କଟ ରୋଗରେ ପୀଡିତ ଶିଶୁ ଏବଂ ସେମାନଙ୍କ ପରିବାର ପ୍ରତି ସମର୍ଥନ ପ୍ରକାଶ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ଏହାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆର୍ଯୁବିଜ୍ଞାନ ସଂସ୍ଥାନ ଏବଂ ଭାରତୀୟ ରାଜସ୍ୱ ସେବା ମହିଳା ସଂଘ ମିଳିତ ଭାବେ ଏକ ପଦଯାତ୍ରାର ଆୟୋଜନ କରିଥିଲେ । ଆକାଶବାଣୀ ସମାଚାର ସହିତ ସ୍ୱତନ୍ତ୍ର ଆଲୋଚନାରେ ନୂଆଦିଲ୍ଲୀ ଏମ୍ସର ଶିଶୁରୋଗ ବିଶେଷଜ୍ଞ କହିଛନ୍ତି ଶିଶୁମାନଙ୍କ କ୍ଷେତ୍ରରେ ହେଉଥିବା କର୍କଟ ରୋଗର ଚିହ୍ନଟ, ଚିକିତ୍ସା ଏବଂ ଦୀର୍ଘକାଳୀନ ଅନୁସରଣ ଯତ୍ନର ଗୁରୁତ୍ୱ ଉପରେ ନିର୍ଭର କରିଥାଏ ।

## ଆଇସିସି-ଟି-୨୦ ବିଶ୍ୱକପ୍

ଆଇସିସି ପୁରୁଷ ଟି-୨୦ କ୍ରିକେଟ ବିଶ୍ୱକପରେ ଆଜି ସଂଧ୍ୟା ୭ଟାବେଳେ ଶ୍ରୀଲଙ୍କାର ଆର୍. ପ୍ରେମଦାସ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଉଭୟ ଟିମ୍ ୨ଟି ଲେଖାଏଁ ମ୍ୟାଚରେ ବିଜୟଲାଭ କରି ସମାନ ସଂଖ୍ୟକ ୪ ପଏଣ୍ଟ ଲେଖାଏଁ ହାସଲ କରିଛନ୍ତି ।

ଆଜିର ପ୍ରଥମ ମ୍ୟାଚ୍ ନେପାଳ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଚାଲିଛି । ୱେଷ୍ଟଇଣ୍ଡିଜ ଟସ୍ ଜିତି

ନେପାଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନେପାଳ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ହରାଇ ୧୩୩ ରନ୍ ସଂଗ୍ରହ କରିଛି । ୧୩୪ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରି ୱେଷ୍ଟଇଣ୍ଡିଜ ଖବର ପ୍ରସ୍ତୁତ ହେଲାବେଳକୁ ୧୩ ଓଭର ସୁଦ୍ଧା ଗୋଟିଏ ୱିକେଟ୍ ହରାଇ ୧୧୨ ସଂଗ୍ରହ କରିଛି ।

ଅପରାହ୍ନ ୩ଟାରେ ଚେନ୍ନାଇର ଏମ୍.ଏ ଚିଦାମ୍ବରମ ଷ୍ଟାଡିୟମରେ ଆମେରିକା ଓ ନାମ୍ବିଆ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ ।

# ୱିମେନ୍ କ୍ରିକେଟ୍

କ୍ରିକେଟରେ ଆଜି ଅପରାହ୍ନରେ ସିଡନୀରେ ତିନି ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ଟି-୨୦ ଆନ୍ତର୍ଜାତୀୟ ମ୍ୟାଚରେ ଭାରତ ଏବଂ ଅଷ୍ଟ୍ରେଲିଆ ମହିଳା ଦଳ ମଧ୍ୟରେ ମ୍ୟାଚ୍ ଆରମ୍ଭ ହୋଇଛି । ହରମନପ୍ରୀତ କୌର ଭାରତୀୟ ମହିଳା ଦଳର ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି ।

ଭାରତ ମହିଳା ଦଳ ଗତ ଡିସେମ୍ବରରେ ଶ୍ରୀଲଙ୍କା ବିପକ୍ଷରେ ୫-୦ ସିରିଜ ବିଜୟ ହାସଲ କରିଥିବାବେଳେ ଏବେ ଟି-୨୦ ବିଶ୍ୱକପ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ।